କୁରୁ ମମ ବଚନଂ ସତ୍ୱରରଚନଂ ପୂରୟ ମଧୁରିପୁକାମଂ । ୧୪ ।

---

ତ୍ରୀଡ଼ାର କାଳକୁ ଏହି ରିପୁ ପ୍ରାୟ ମଣି । ଗହନତିମିର ପଥେ ଚଳସି ମିଛଣି ଗୋ । ୨୬ । ଅସିତବସନେ ତନୁ ପରିହିତ କର । ସ୍ୱଭାବେ ସୁବେଶ ହୋଇ ପଥ ଅନୁସର ଗୋ । ୨୭ । ବିପରୀତରତିକାଳେ ମୁକ୍ତାର ହାର । ଅତି ସୁରଚିତ ମୁରରିପୁହୃଦୟର ଗୋ । ୨୮ । ଯେସନେ ଶ୍ୟାମଳମେଘେ ବକପନ୍ତି ଶୋହେ । ତେବ ତନୁ ତଥିକ ତଡିତଲତା ପ୍ରାୟେ ଗୋ । ୨୯ । ଅନେକ କାଳର ପୁଣ୍ୟ ଲଭିବୁ ସୁନ୍ଦରି । ଚଳ ଏବେ ମୋହର ବଚନ ହେତୁ କରି ଗୋ । ୩୦ । ନବୀନପଲ୍ଲବେ ଶଯ୍ୟା ସୁବେଶ କରିଣ । ତୋର ଆଶେ ବସିଛନ୍ତି ରାଜୀବ ଲୋଚନ ଗୋ । ୩୧। ତହିଁ ଯାଇଁ ପ୍ରବେଶ ହୋଇବୁ ଯେତେ-ବେଳେ । କୃଷ୍ଣଙ୍କୁ ଦେଖିଣ ତୁ ମନ୍ଦିରୁ କାମଭୋଳେ ଗୋ । ୩୨ । ଏ ତୋହର ମେଖଳା ବସନ ଦୂର କରି । ଘେନ ଘନଜଘନ ସମର୍ପିବୁ ହରି ଗୋ । ୩୩ । ତୋତେ ଦେଖି ହରଷ ହୋଇବ କୃଷ୍ଣ ମନ । ନିଧି କି ପ୍ରାପତ ଯେହ୍ନେ ଦରିଦ୍ର ସଦନ ଗୋ । ୩୪ । ହରିବ ତୋହର ମନ ଜଗତଜୀବନ । ରଜନୀ ପ୍ରବେଶ କ୍ଷୀଣ ହେଉଅଛି

ଶ୍ରୀ ଜୟଦେବେ କୃତହରିସେବେ ଭଣତି ପରମରମଣୀୟଂ ।
ପ୍ରମୁଦିତହୃଦୟଂ ହରିମତି ସଦୟଂ ନମତ ସୁକୃତକମନୀୟଂ ।୧୫।
ବିକିରତି ମୁହୁଃ ଶ୍ୱାସାନାଶାଃ ପୁରୋ ମୁହୁରୀକ୍ଷତେ ।
ପ୍ରବିଶତି ମୁହୁଃ କୁଞ୍ଜଂ ଗୁଞ୍ଜନ୍ମୁହୁର୍ବହୁ ତାମ୍ୟତି ॥
ରଚୟତି ମୁହୁଃ ଶଯ୍ୟାଂ ପର୍ଯ୍ୟାକୁଳଂ ମୁହୁରୀକ୍ଷତେ ।
ମଦନକଦନକ୍ଲାନ୍ତଃ କାନ୍ତେ ପ୍ରିୟସ୍ତବ ବର୍ତ୍ତତେ ।୧୬।
ତ୍ୱଦ୍ବାମ୍ୟେନ ସମଂ ସମଗ୍ରମଧୁନା ତିଗ୍ମାଂଶୁରସ୍ତଂଗତୋ ।
ଗୋବିନ୍ଦସ୍ୟ ମନୋରଥେନ ଚ ସମଂ ପ୍ରାପ୍ତଂ ତମଃସାନ୍ଦ୍ରତା ॥

---

ହନ ଗୋ ।୩୫। ମୋହର ବଚନ କର ବେଗେ ସଜ ହୁଅ । ମଧୁ
ରିପୁମନୋରଥ ବାଞ୍ଛା ତୁ ପୂରାଅ ଗୋ ।୩୬। କୃଷ୍ଣର ସେବକ
ଜୟଦେବ ଯାହା ଭଣି । ପ୍ରଣୟିଜନଙ୍କ ଦୟାକାରିଣୀ ଏ ବାଣୀ
ସେ ।୩୭। ସେ ତୋହର ପତି ଅତି ଦୁଃଖେ ବର୍ତ୍ତିଅଛୁ । ନାଶା
ଅଗ୍ରେ କେବଳ ନିଶ୍ୱାସ ବହୁଅଛୁ ଗୋ ।୩୮। କ୍ଷଣେ ମୂର୍ଚ୍ଛା ଯାଇ
କ୍ଷଣେ ହୁଅଇ ସଚେତ । କ୍ଷଣେ କୁଞ୍ଜଗୃହେ ପଶି ଗୃହଁଇ ତ୍ୱରିତ
ଗୋ ।୩୯। ମଧୁକରବାଣୀ ତାକୁ ହୁତାସନ ପ୍ରାୟେ । କ୍ଷଣକେ ପଲ୍ଲବ
ଶଯ୍ୟା କରଇ ଉପାୟେ ଗୋ ।୪୦। ଆକୁଳ ହୋଇଣ ପୁଣ ପୁଣ
ଯାଇ ମୋହ । ମଦନ ଦହନ କରୁଅଛୁ ତାର ଦେହ ଗୋ ।୪୧।
ତୋଷେନ ଲୋତକ ତାର ବନ୍ଦେ ନିରନ୍ତର । ସମ୍ପୂର୍ଣ୍ଣ କ ମଧୁ ଯେଣା
ସ୍ରବେ ଝର ଝର ଗୋ ।୪୨। ଦେଖିବି ହୃଦୟନାଥ ବେଗେ
ଅସ୍ତ ଗଲା । ଗୋବିନ୍ଦ ବେଦନା ଅର୍ଥେ ରଜନୀ ହୋଇଲା ଗୋ ॥
ଚକ୍ରବାକ ବିଚ୍ଛେଦକାରଣେ ଅତି ରାବ । ମୋହର ପ୍ରାର୍ଥନା ତୋତେ
ହେଲା ସେହି ଭାବ ଗୋ ।୪୪। ଶୁଣ ତୁ ସୁନ୍ଦରୀ ଏ ତୋ ବିଳମ୍ବ
ନିଫଳ । ରମ୍ୟସ୍ଥାନେ ଅଭିସାର କର ଏହୁ କାଳ ଗୋ ।୪୫।
ବୋଲଇ ସଜନୀ ଏଛ ଦିନେ ନିଶି ଘୋର । ଗୃହରୁ କୁଳଟାବାମା
କଲା ଅଭିସାର ଗୋ ।୪୬। ତାହାର ବଲ୍ଲଭ ପରେ ରମଣୀର
ଆବେଶ । ସଙ୍କେତ ସ୍ଥାନକୁ ସେହୁ ଗମଇ ହରଷେ ଗୋ ।୪୭।

ବିପୁଳପୁଲକପାଳିଃ ସ୍ଫୀତଶୀତ୍କାରମନ୍ତ—
ର୍ଜନିତଜଡ଼ିମକାକୁ ବ୍ୟାକୁଳଂ ବ୍ୟାହରନ୍ତୀ ।
ତବ କିତବ ବିଧାୟ ମନ୍ଦକନ୍ଦର୍ପଚିନ୍ତାଂ
ରସଜଳଧିନିମଗ୍ନା ଧ୍ୟାନଲଗ୍ନା ମୃଗାକ୍ଷି । ୧୦ ।

ଅଙ୍ଗେଷ୍ୱାଭରଣଂ କରୋତି ବହୁଶଃ ପତ୍ରେଽପି ସଞ୍ଚାରିଣି
ପ୍ରାପ୍ତଂ ତ୍ୱାଂ ପରିଶଙ୍କତେ ବିତନୁତେ ଶଯ୍ୟା ଚିରଂ ଧ୍ୟାୟତି ॥
ଇତ୍ୟାକଳ୍ପବିକଳ୍ପ ତଳ୍ପରଚନାସଙ୍କଳ୍ପ ଲୀଳାଶତଂ--
ବ୍ୟାସକ୍ତାପି ବିନା ତ୍ୱୟା ବରତନୁର୍ନୈଷା ନିଶାଂ ନେଷ୍ୟତି ॥
କିଂ ବିଶ୍ରାମ୍ୟସି କୃଷ୍ଣଭୋଗିଭବନେ ଭାଣ୍ଡୀରଭୂମିରୁହେ
ଭ୍ରାତର୍ଯାହି ନ ଦୃଷ୍ଟିଗୋଚରମିତଃ ସାନନ୍ଦନନ୍ଦାସ୍ପଦଂ ।
ରାଧାୟା ବଚନଂ ତଦଧ୍ୱଗମୁଖାନ୍ନନ୍ଦାନ୍ତିକେ ଗୋପତୋ-
ର୍ଗୋବିନ୍ଦସ୍ୟ ଜୟନ୍ତୁ ସାୟମତିଥିପ୍ରାଶସ୍ତ୍ୟଗର୍ଭା ଗିରଃ ।୧୨।

ଇତି ଶ୍ରୀଗୀତଗୋବିନ୍ଦେ ବାସକସଜ୍ଜାବର୍ଣ୍ଣନେ ଧୃଷ୍ଟବୈକୁଣ୍ଠୋ
ନାମ ଷଷ୍ଠ ସର୍ଗଃ ।

---

## ନବମ ଛନ୍ଦ । ରାଗ—ଚନ୍ଦ୍ରାଭୈରବ ।

ଏଥୁ ଅନନ୍ତରେ ଶୁଣ ରସ । ସଖୀ ପେଷି ଗୋବିନ୍ଦର ପାଶ । ଏକାକୀ ହୋଇ ସେ ଘୋର ଅରଣ୍ୟରେ ବସି ଅନ୍ଧାରେ ନାହିଁ ନା ଆସ ସେ । ସୁନ୍ଦରୀ । ୧ । ତୋର ବିରହେ ଆକୁଳ ତାର । ତନୁ ପୂରିଛି ମଦନଜ୍ୱର । କପୋଳତଳେ ପଦ୍ମକର ଦେଇ ସେ ବସିଛି ଅତି ଶୋକଭର ଯେ । ସୁନ୍ଦରୀ । ୨ । ଏସନକ ସମୟରେ ତହିଁ । ଉଦେ ହୋଇଲା ରଜନୀସାଇଁ । ଅଭିସାରୀ ପଥ ନିରୋଧିଲା ଯିହି ତହିଁ ଦୋଷରେ କଳଙ୍କ ବହି ସେ । ଚନ୍ଦ୍ରମା । ୩ । ତାର ଦୀପ୍ତି କିରଣ ଆଭାସେ । ବୃନ୍ଦାବନେ ସୁରଙ୍ଗ ପ୍ରକାଶେ । ପୂର୍ବଦିଗ ନାରୀ ବଦନତିଳକ କି ଏ ଚନ୍ଦନବିନ୍ଦୁ ପ୍ରକାଶେ ସେ । ଚନ୍ଦ୍ରମା । ୪ । ଯନ୍ତ୍ରି ଶଶିବିମ୍ବ ପ୍ରକାଶିଲା । ରାଧା ତାପସିନ୍ଧୁ ଉଚ୍ଛୁଳିଲା । ବିଳମ୍ବ ଦେଖି ସେ

## ସପ୍ତମ ସର୍ଗଃ ।

ଅତ୍ରାନ୍ତରେ ଚ କୁଲଟାକୁଲବର୍ତ୍ମପାତ-
ସଞ୍ଜାତପାତକ ଇବ ସ୍ଫୁଟଲାଞ୍ଛନଶ୍ରୀଃ ।
ବୃନ୍ଦାବନାନ୍ତରମଦୀପୟଦଂଶୁଜାଲୈ-
ର୍ଦିକ୍ସୁନ୍ଦରୀବଦନଚନ୍ଦନବିନ୍ଦୁରିନ୍ଦୁଃ । ୧ ।
ପ୍ରସରତି ଶଶଧରବିମ୍ବେ ବିହିତ ବିଳମ୍ବେ ମାଧବେ ବିଧୁରା ।
ବିରଚିତ ବିବିଧବିଲାପଂ ସା ପରିତାପଂ ଚକାରୋଚ୍ଚୈଃ ।
ମାଳବ ରାଗ ଯତିତାଳାଭ୍ୟାଂଗୀୟତେ ।
କଥିତସମୟେଽପି ହରିରହହ ନ ଯଯୌ ବନଂ ।
ମମ ବିଫଲମିଦମମଲମପି ରୂପଯୌବନଂ ।
ଯାମି ହେ କମିହ ଶରଣଂ ସଖୀଜନବଚନବଞ୍ଚିତା ।୩।ଧ୍ରୁବଂ

---

ମାଧବଗମନ ନାନାପ୍ରକାରେ ବିଳାପ କଲା ସେ । ସୁନ୍ଦରୀ । ୫ । ବୋଲେ କଷ୍ଟ ମୋହର ହୋଇଲା । ଯହୁଁ ହରି କେବେହେଁ ନଇଲା । ଯୁବାବସ୍ଥାରେ ଏ ରୂପ ଯଉବନ ମୋର ସକଳ ବିଫଳ ହେଲା ହେ । ଦଇବ । ୬ । ମୁହିଁ କାହାର ଶରଣ ଯିବି । କାମଶର କେସନେ ସହିବି । ଭଣ୍ଡିଲା ମୋତେ ସେ ସଖୀ ସହଚରୀ ଅଉ କାହାକୁ ଦସ କହିବି ହେ । ଦଇବ । ୭ । ଯାହାପାଇଁ ଅଇଲି ଏ ବନେ । ନଶି ତିମିର ଅତି ଗହନେ । ସେ କୃଷ୍ଣ ବିନା ଏ ହୃଦୟ ମୋହର କାମଶର ବିନ୍ଧେ ଅନୁକ୍ଷଣେ ହେ । ଦଇବ । ୮ । ଏହି ବଅର୍ଥ ସଙ୍କେତ ସ୍ଥାନ । କରୁଅଛଇ ଚିତ୍ତ ଦହନ । ସହି ନ ପାରଇ ବିରହଅନଳ ସୁଖ ହୋଇବ ଗଲେ ଜୀବନ ହେ । ଦଇବ । ୯ । ମଧୁଯାମିନୀ ଚନ୍ଦ୍ରକିରଣ । ମୋତେ ଦୁଃଖ ଦେଇ ନାଚାନ୍ତୃଣ । କେବଣ କାମିନୀ ପୁଣ ଗୁଣବନ୍ତୀ ହରି ତା ଭୁଲେ କଲେ ରମଣ ହେ । ଦଇବ । ୧୦ । ଅତି ଦୁଃଖ ଏ ଭୂଷଣମାନ । ବଳୟାଦି ରତ୍ନମଣିଗଣ । ହରି ବିରହେ ଏ ବହ୍ନିର ସମାନ ବହି ନ ପାରଇ ଅନୁକ୍ଷଣ ହେ । ଦଇବ । ୧୧ ।

ହରିଚରଣଶରଣ ଜୟଦେବକବିଭାରତୀ
ବସତୁ ହୃଦି ଯୁବତିରିବ କୋମଳକଳାବତୀ । ୧୧ ।
ତତ୍କିଂ କାମପି କାମିନୀମଭିସୃତଃ କିଂବା କଳାକେଳିଭି-
ର୍ବଦ୍ଧୋ ବନ୍ଧୁଭିରନ୍ଧକାରିଣି ବନାଭ୍ୟର୍ଣ୍ଣେ କିମୁଦ୍ଭ୍ରାମ୍ୟତି ।
କାନ୍ତଃ କ୍ଲାନ୍ତମନା ମନାଗପି ପଥି ପ୍ରସ୍ଥାତୁମେବାକ୍ଷମଃ ।
ସଙ୍କେତୀକୃତମଞ୍ଜୁବଞ୍ଜୁଲଲତାକୁଞ୍ଜେଽପି ଯନ୍ନାଗତଃ । ୧୧ ।
ଅଥାଗତାଂ ମାଧବମନ୍ତରେଣ ସଖୀ ମିୟଂ ବୀକ୍ଷ୍ୟ ବିଷାଦମୂକାଂ
ବିଶଙ୍କମାନା ରମିତଂ କୟାପି ଜନାର୍ଦ୍ଦନଂ ଦୃଷ୍ଟବଦେତଦାହ । ୧୨ ।

ବସନ୍ତରାଗ ଯତିତାଳାଭ୍ୟାଂ ଗୀୟତେ

ସ୍ମରସମରୋଚିତବିରଚିତବେଶା
ଗଳିତକୁସୁମଦରବିଲୁଳିତକେଶା ।
କାପି ମଧୁରିପୁଣା, ବିଳସତି ଯୁବତିରଧିକଗୁଣା । ୧୩ । ଧ୍ରୁବ ।

ବିରହ ଅତି ଦୁଃଖ ଦେଖି ମନେ ବିଷାଦ ଅଛଇ ପୂରି ସେ ଚତୁରୀ । ଆସି ମିଳିଲା ରାଧାର ପାଶ । ରାଧା ଦେଖିଲା ଦୂତୀ ବିରସ । ମନେ ବିଶ୍ବରିଲା ମାଧବ ନଇଲେ ଆନ ଯୁବତୀ କଲା ବିଳାସ ସେ । ଶ୍ରୀହରି । ୧୯ । କୃଷ୍ଣକ୍ରୀଡ଼ା ଦେଖିଲାର ପ୍ରାୟ । ସଖୀ ଅଗ୍ରତେ ବଚନ କହେ । ଯେବଣ ଯୁବତୀ ରମିଲା ଶ୍ରୀପତି ତାର ଗୁଣ ଅବଶେଷ ନୋହେ ଗୋ । ସଜନି । ୨୦ । ସେ ଯେ ମଦନ ସମରେ ବାମା । ତାର ବେଶ ତ ଆନ ଉପମା । ରତିରସରେ ସେ ମୁକୁଳକବରୀ ଖସି ପଡ଼ୁଛି କୁସୁମସୀମା ଗୋ । ସଜନି । ୨୧ । ହରି ଆଲିଙ୍ଗନେ ମତି ତାର । ହୋଇ ଅଛଇ ଚିତ୍ତବିକାର । କୁଚକଳଶର ଉପରେ ଶୋଭଇ ତଳେ ତରଳ ମୁକ୍ତାହାର ଗୋ । ସଜନି । ୨୨ । ତାର ଚଳନ୍ତେ ଅଳକାପନ୍ତି । ମୁଖ ଲାବଣ୍ୟ ଚନ୍ଦ୍ରମାକାନ୍ତି । ଅଧରପାନ କରନ୍ତେ ଶ୍ରୀପତି ଅତି ସୁକୃତ ବଦନଜ୍ୟୋତି ଗୋ । ସଜନି । ୨୩ । ବିପରୀତରତିରଙ୍ଗକାଳେ । ଲୁଳେ କୁଣ୍ଡଳ ଗଣ୍ଡଯୁଗଳେ । କଟିମେଖଳା କିଙ୍କିଣୀ ଧ୍ଵନି କରେ ଯହୁଁ ଜଘନପତି

ହରିପରିରମ୍ଭବଳିତବିକାରା ।
କୁଚକଳଶୋପରି ତରଳିତହାରା । ୧୪ ।
ବିଚଳଦଳକକଳିତାନନଚନ୍ଦ୍ରା ।
ତଦଧରପାନରଭସକୃତତନ୍ଦ୍ରା । ୧୫ ।
ଚଞ୍ଚଳକୁଣ୍ଡଳଲଳିତକପୋଳା ।
ମୁଖରିତରସନଜଘନଗତିଲୋଳା । ୧୬ ।
ଦୟିତବିଲୋକିତଲଜ୍ଜିତହସିତା ।
ବହୁବିଧକୂଜିତରତିରସରସିତା । ୧୭ ।
ବିପୁଳପୁଲକପୃଥୁବେପଥୁଭଙ୍ଗା ।
ଶ୍ୱସିତନିମୀଳିତବିକସଦନଙ୍ଗା । ୧୮ ।
ଶ୍ରମଜଳକଣଭରସୁଭଗଶରୀରା ।
ପରିପତିତୋରସି ରତିରଣଧୀରା । ୧୯ ।

---

ଚଞ୍ଚଳେ ଗୋ । ସଜନି । ୨୪ । ରତିରସରେ ରସିଲା ବାଳା । ନାନାପ୍ରକାରେ ଶବ୍ଦ କହିଲା । ଚାହିଁଲା ଯହୁଁ ସେ କୃଷ୍ଣବଦନକୁ ମୃଦୁହସିତେ ସଲଜ୍ଜ ହୋଇଲା ସେ କାମିନୀ । ୨୫ । ଅତିଜଘନ ବିପୁଳ ଭାର । କମ୍ପମାନ ହୋଇଲା ଶରୀର । ନିଶ୍ୱାସ ମରୁତ ଛାଡ଼ଇ ତୁରିତ କ ଏପ୍ରକାର କରୁଛି ମାର ଗୋ । ସଜନି । ୨୬ । ଶ୍ରମଜଳ ଶୋଭାମାନ ଭାର । ଏଣେ ଶୋଭିତ ଯୌବନଭାର । ପଡ଼େ ସ୍ୱେଦନୀର କୃଷ୍ଣ-ହୃଦୟର ରତିରଣକୁ ଅତି ନିର୍ଭର ସେ । ତରୁଣୀ । ୨୭ । ରାଧାକୃଷ୍ଣ-ରତିରସସାର । ଜୟଦେବ କହିଲା ଗୀତର । କଳିଯୁଗତନ୍ତ୍ରା ଅଘ ମହାଘୋର ନାଶ କରେ ଶ୍ରୋତା ବକତାର ହେ । ସୁଜନେ । ୨୮ । ଦେଖ ସଖୀ ଏହୁ ଶଶଧର । ଦ୍ୟୁତି କୃଷ୍ଣବଦନ ଆକାର । ବିରହେ ଯେହ୍ନେ ପାଣ୍ଡୁରବର୍ଣ୍ଣ ଦଶେ ଚନ୍ଦ୍ର ଦଶଇ ସେହି ପ୍ରକାର ଗୋ । ସଜନି । ୨୯ । ମୋର ଚେତନା ହରୁଛି ସଖୀ । ମୁହିଁ ନପାରଇ ବିଧୁ ଦେଖି । ମଦନ ସଖା ଏ ନିର୍ଦ୍ଦୟ ଅଟଇ ହୃଦ ପିଡ଼ିତ ହେଉଛି ଦେଖି ଗୋ । ସଜନି । ୩୦ । ଶୁଣ ସୁଜନେ ହୋଇଣ ତୋଷ ।

ଶ୍ରୀଜୟଦେବଭଣିତମତିରମିତଂ ।
କଳିକଳୁଷଂ ଜନୟତୁ ପରିଶମିତଂ । ୨୦ ।
ବିରହପାଣ୍ଡୁ ମୁରାରିମୁଖାମ୍ବୁଜ—
ଦ୍ୟୁତିରୟଂ ତିରୟନ୍ନପି ବେଦନାଂ ।
ବିଧୁରତୀବ ତନୋତି ମନୋଭୁବଃ ।
ସୁ ହୃଦୟେ ହୃଦୟେ ମଦନବ୍ୟଥାଂ । ୨୧ ।
ଗୁର୍ଜ୍ଜରୀରାଗୈକତାଳୀତାଳାଭ୍ୟାଂ ଗୀୟତେ
ସମୁଦିତମଦନେ ରମଣୀବଦନେ ଚୁମ୍ବନବଳିତାଧରେ ।
ମୃଗମଦତିଲକଂ ଲିଖତି ସପୁଲକଂ ମୃଗମିବ ରଜନୀକରେ ।
ରମତେ ଯମୁନାପୁଳିନବନେ ବିଜୟୀ, ମୁରାରିରଧୁନା । ୨୨ । ଧ୍ରୁବଂ

---

ହରିଚରିତ ଏ ସୁଧାରସ । ବିରହନ୍ତରେ ଶରଦଚନ୍ଦ୍ରମୁଖୀ କହେ ସଖୀଙ୍କି ବସାଇ ପାଶ ହେ ସ୍ୱଜନେ । ୩୧ । କୃଷ୍ଣ କୁତୂହଳ ରସ-ଗୀତ । ଏହୁ ନବମ ଛନ୍ଦ ଉଚିତ । ରାଧାପଦପାଦ ନବପୁଷ୍ପରାଜ ଭାବେ ଧରଣୀଧର ସୁଚରିତ ହେ । ସୁଜନେ । ୩୨ ।

ଦଶମ ଛନ୍ଦ । ରାଗ—କାଳି ।

ଏଥୁ ଅନନ୍ତରେ ଶୁଣ ହେ ନରେ ଅମୀୟରସ ବାଣୀ । ରାଧା ବିରହେ ସଖୀ ଅଗ୍ରତେ କହଇ ପୁଣ ପୁଣି । ୧ । ଯମୁନା ତୀରେ କୁଞ୍ଜ-କୁଟୀରେ ବିଜୟ କର ହରି । ରମଣ କଲା ଯେବଣ ବାଳା ଅତି ହରଷ କରି । ୨ । ସୁରତଶେଷେ ମଦନରସେ ରମଣୀ ବଦନର । ଚୁମ୍ବନ ଦେବ ବୋଲି ମାଧବ ବଳଅଛି ଅଧର । ୩ । ଅଳକା ସଜ କରି ତିଳକ କସ୍ତୁରି କରିମାଣି । କଷ ସମ୍ପୂର୍ଣ୍ଣ ଚନ୍ଦ୍ର ଉପରେ କଳଙ୍କ ପ୍ରାପ୍ତ ମଣି । ୪ । ଅସିତଘନପଟଳ ସ୍ପୃରୁ ଚିକୁର ଶୋଭା ଭାର । ଲଲିତ ଶୁଭ ସୁସଜ୍ଜ କରି ରାମା କବରୀଭାର । ୫ । କୁରୁଣ୍ଟ ସୁମନସରେ ଶୋଭା ମଣ୍ଡିଛି ପନ୍ତି ପନ୍ତି । ଯେସନେ ଶ୍ୟାମ ଜଳଧରରେ ତଡ଼ିତଲତା

B. H. School

ଘନଚୟରୁଚିରେ ରଚୟତି ଚିକୁରେ ତରଳିତତରୁଣାନନେ ।
କୁରୁବକକୁସୁମଂ ଚପଲାସୁଷମଂ ରତିପତିମୃଗକାନନେ ॥ ୨୩ ॥
ଘଟୟତି ସୁଘନେ କୁଚଯୁଗଗଗନେ ମୃଗମଦରୁଚିରୂଷିତେ ।
ମଣିସରମମଲଂ ତାରକପଟଲଂ ନଖପଦଶଶିଭୂଷିତେ ॥ ୨୪ ॥
ଜିତବିସଶକଲେ ମୃଦୁଭୁଜଯୁଗଲେ କରତଳନଳିନୀଦଳେ ।
ମରକତବଲୟଂ ମଧୁକରନିଚୟଂ ବିତରତି ହିମଶୀତଳେ ॥ ୨୫ ॥
ରତିଗୃହଜଘନେ ବିପୁଲାପଘନେ ମନସିଜକନକାସନେ ।
ମଣିମୟରସନାଂ ତୋରଣହସନାଂ ବିକିରତି କୃତବାସନେ ।
ଚରଣକିଶଲୟେ କମଲାନିଲୟେ ନଖମଣିଗଣପୂଜିତେ ।
ବହିରପବରଣଂ ଯାବକଭରଣଂ ଜନୟତି ହୃଦି ଯୋଜିତେ ॥ ୨୭ ॥

---

ଭ୍ରାନ୍ତ । ୬ । ଜାଣି ମଦନ କୁରଙ୍ଗବନ ପ୍ରାୟେକ ଶୋଭା କି ସେ । ନିର୍ମଳତର ବଦନ ତାର ଲାବଣ୍ୟ ରୁଚି ଦଶେ । ୭ । ଦେଖିଲେ ଅତି ତରଳମତି ହୋଇବେ ଯୁବାଜନ । କୃଷ୍ଣ ଯାହାକୁ ରମେ ତାହାକୁ ସମାନ ନାହିଁ ଆନ । ୮ । କଠିନ କୁଚ ସଘନ ଉଚ୍ଚ ଲେପିଲା ମୃଗମଦ । କି ଏ ଗଗନମଣ୍ଡଳେ ଉଦେ ହୋଏ ନୀଳ-ଜଳଦ । ୯ । ତଥି ଶୋଭନ ନଖର କ୍ଷତ ନବୀନ ଇନ୍ଦୁ ରାଜେ । ଅମଳମଣି ମୁକ୍ତାହାର ତାରାମଣ୍ଡଳ ସାଜେ । ୧୦ । ଜିଣି ମୃଣାଳ ମୃଦୁ କୋମଳ ବାହୁଯୁଗଳ କି ସେ । ନବୀନ ବିକଶିତ ସରୋଜ କରତଳେ ଆଭାସେ । ୧୧ । ମର୍କତମଣି ହେମକଙ୍କିଣି ଭୂଷଣମାଳା ରାଜେ । ହିମହୁଁ ଅତି ଶୀତଳତର ହରଷେ ହରି ଗଞ୍ଜେ । ୧୨ । ରତିସଦନ ଘନଜଘନ ବିପୁଳ ଅତି ପ୍ରଭା । ମଦନରାୟେ ଆସନ କି ଏ ଜମ୍ବୁନଦର ଆଭି । ୧୩ । ମର୍କତମଣି ହେମକିଙ୍କିଣି ମେଖଳା କଟି ଦେଶେ । ଖଞ୍ଜିଲେ ହରି ମନେ ବସ୍ତ୍ର ଆଚ୍ଛାଦ ଝିନବାସେ । ୧୪ । ଚରଣନବପଲ୍ଲବ ସମା ଲାବଣ୍ୟ ଶିରସ୍ଥାନ । ନଖ ନିର୍ମଳ ଅମଳମଣି ଗଣଜ୍ୟୋତି ସମାନ । ୧୫ । ସେ ପାଦ ବେନି ଯେବଣ ହରି ହୃଦୟ ତଟେ ନେଇଁ । କରେ ସୁବେଶ ମନେ ହରଷ ରଚିତ ରଙ୍ଗ ଦେଇ ॥

ରମୟତି ସୁଭୃଶଂ କାମପି ସୁଦୃଶଂଖଲହଲଧର ସୋଦରେ ।
କିମଫଳମବସଂ ଚରମିହ ବିରସଂ ବଦ ସଖି ବିଟପୋଦରେ । ୨୮ ।
ଇହ ରସଭଣନେ କୃତହରିଗୁଣନେ ମଧୁରିପୁ ପଦସେବକେ ।
କଲିଯୁଗଚରିତଂ ନ ବସତୁ ଦୁରିତଂ କବିନୃପଜୟଦେବକେ । ୨୯ ।
ନାୟାତଃ ସଖି ନିର୍ଦ୍ଦୟୋ ଯଦି ଶଠସ୍ତ୍ୱଂ ଦୂତି କିଂ ଦୂୟସେ ।
ସ୍ୱଚ୍ଛନ୍ଦଂ ବହୁବଲ୍ଲଭଃ ସ ରମେତ କିଂ ତତ୍ରତେ ଦୂଷଣଂ ।
ପଶ୍ୟାଦ୍ୟ ପ୍ରିୟସଙ୍ଗମାୟ ଦୟିତସ୍ୟାକୃଷ୍ୟମାଣଂ ଗୁଣୈ-
ରୁତ୍କଣ୍ଠାର୍ତ୍ତିଭରାଦିବ ସ୍ଫୁଟଦିଦଂ ଚେତଃ ସ୍ୱୟଂ ଯାସ୍ୟତି । ୩୦ ।

ଦେଶବରାଡ଼ୀରାଗ ରୂପକତାଲାଭ୍ୟାଂ ଗୀୟତେ ।

ଅନିଲତରଳକୁବଳୟନୟନେନ
ତପତି ନ ସା କିଶଲୟଶୟନେନ
ସଖି ! ଯା ରମିତା ବନମାଳିନା । ୩୧ । ଧ୍ରୁବଂ ।

---

ନିଶ୍ଚୟ ଧ୍ୟାନ କର ସମାନ ରମୁଛି ଯାକୁ ଘେନ । ଧନ୍ୟ କାମିନି ରମଣୀମଣି ମୋହନୀ ସୁଲୋଚନୀ । ୧୭ । କହ ସଜନି ବଚନ ଘେନ ସାନୁଜ ହଲଧର । ବିଫଳେ କେବେ ବସିଛି ଲତାଗହନ ତରୁତଳ ॥ ଶ୍ରୀମନ୍ତବର କବିଙ୍କ ସାର ଶ୍ରୀକୃଷ୍ଣରସ କହି । କଳିଯୁଗର ପାତକ-ଘୋର ଯା ଆଶ୍ରେ କଲେ ଯାଇ । ୨୯ । ମଧୁରିପୁର ପାଦ ହୃଦର-ଭକତିଭାବେ ଯାର । ସ୍ୱଜନମତ ଘେନ ଏ ନାତ କବିଙ୍କ ନୃପବର । ନଇଲା ସଖି ଯେବେ ନିର୍ଦ୍ଦୟ ଶଠ ସେ ମଧୁହାର । କେତେ ବିଅର୍ଥେ ଦୂଷଣ ତୋତେ କରିବ ସହଚରୀ । ୨୧ । ମୁଖରେ ଅଛି ପ୍ରିତିବଶରେ ରମଣୀକୋପି କାନ୍ତ । ତାହାର ଗୁଣ ସ୍ନେହଭରେଣ ଯାଉଛି ମୋର ଚିତ୍ତ । ୨୨ । ଯେବଣ ବାଳୀ ଶ୍ରୀବନମାଳୀ କରଇ କେଳିରସ । ମଧୁ ପବନ ବହନ୍ତେ ଘନ ନ ପାଇଲା ସେ ତ୍ରାସ । ୨୩ । ନବପଲ୍ଲବ ଶଯ୍ୟା ଉପରେ କୁବଳୟନୟନୀ । ନିଷ୍ପ୍ରାଣ ହୋଇ ନିଦ୍ରା ନ ଯାଇ ଥାଇ ନା ସୁବୋଧିନ । ୨୪ । ନବବିକଚ ନଳିନ ସଖି ଲାବଣ୍ୟ ଶୋଭି ମୁଖ ।

ବିକସିତସରସିଜଲଳିତମୁଖେନ
ସ୍ଫୁଟତି ନ ସା ମନସିଜବିଶିଖେନ । ୩୨ ।
ଅମୃତ ମଧୁରମୃଦୁତରବଚନେନ ।
ଜ୍ୱଳତି ନ ସା ମଲୟଜପବନେନ । ୩୩ ।
ସ୍ଥଳଜଲରୁହରୁଚିକର ଚରଣେନ ।
ଲୁଠତି ନ ସା ହିମକରକିରଣେନ । ୩୪ ।
ସଜଲଜଲଦସମୁଦୟରୁଚିରେଣ ।
ଦଳତି ନ ସା ହୃଦି ବିରହଭରେଣ । ୩୫ ।
କନକନିକଷରୁଚି ଶୁଚିବସନେନ ।
ଶ୍ୱସିତି ନ ସା ପରିଜନହସନେନ । ୩୬ ।
ସକଳଭୁବନଜନବରତରୁଣେନ ।
ବହତି ନ ସା ରୁଜମତିକରୁଣେନ । ୩୭ ।

---

ଯେବଣ ବାମା ଲଭିଲା ସେହ୍ନ କାହିଁ ତାହାର ଦୁଃଖ । ୨୫ । ମନସିଜର କଠିନ ଶର ନ ଭେଦଇ ତା ଅଙ୍ଗ । ରସଜଳଧି ଲଭିଲା ବାମା ହରିର ଅଙ୍ଗସଙ୍ଗ । ୨୬ । ଅମିୟ ମୃଦୁ ମଧୁରତର ବଚନ ପଦ୍ମପାଣି । ଭଣିଲା ଯେଉଁ ନାଗରୀ ନାହିଁ ତରୁଣିରତ୍ନମଣି । ୨୭ । ଚନ୍ଦନ ଘନ କଲେ ଲେପନ ନ ତାପଇ ତା କାୟେ । କୃଷ୍ଣର କରକମଳ ଲାଗି ଶୀତଳ କାହିଁ ନୋହେ । ୨୮ । ଅମଳ ସ୍ଥଳକମଳ-ଶୋଭି କର-ଚରଣ ତାର । ସେ ହରି ଯାକୁ ରମଣ କରେ ଖେଦ ନାହିଁ ନା ତାର । ୨୯ । ହିମକରର କିରଣେ ତନୁ ନ ଦହଇ ନା ତାର । ମୋହର ପ୍ରାପ୍ତେ ହୋଇଣ କାୟେ ନ ଲୁଠେ ନା ଭୂମିର । ୩୦ । ସଜଳଜଳଧରସୁନ୍ଦର ଯେବଣ [illegible]ରିହର । ତାହାକୁ ଘେନି ଯେଉଁ କାମିନୀ ରତି ବିନୋଦ କରି । ୩୧ । ବିରହଭର ବାଧା ତାହାର ନାହିଁ ନା ଆନ କିଛି । ହୃଦୟଦଳ ଅତି ବିକଳ ନୁହଇ ନା । ଦାହକନକ ପ୍ରାୟକ ସଖି ବସନ କାନ୍ତ ଯାର । ମୃଗାକ୍ଷୀ । ୩୨ । ଦାହକନକ ପ୍ରାୟକ ସଖି ବସନ କାନ୍ତ ଯାର । ମୃଗାକ୍ଷୀ । ୩୨ । ଦାହକନକ ପ୍ରାୟକ

ଶ୍ରୀଜୟଦେବଭଣିତବଚନେନ ।
ପ୍ରବିଶତୁ ହରିରପି ହୃଦୟମନେନ । ୩୮ ।
ମନୋଭବାନନ୍ଦନ ଚନ୍ଦନାନିଲ ପ୍ରସୀଦ ରେ ଦକ୍ଷିଣ ମୁଞ୍ଚ ବାମତାଂ ।
କ୍ଷଣଂ ଜଗତ୍ ପ୍ରାଣ ବିଧାୟ ମାଧବଂ ପୁରୋ ମମ ପ୍ରାଣହରୋ ଭବିଷ୍ୟସି ।
ରିପୁରିବ ସଖୀସମ୍ବାସୋଽୟଂ ଶିଖିବ ହିମାନିଲୋ-
ବିଷମିବ ସୁଧାରଶ୍ମିର୍ୟସ୍ମିନ୍ ଦୁନୋତି ମନୋଗତେ ।
ହୃଦୟମଦୟେ ତସ୍ମିନ୍ନେବଂ ପୁନର୍ବଲତେ ବଲାତ୍
କୁବଲୟଦୃଶାଂ ବାମଃ କାମୋ ନିକାମନିରଙ୍କୁଶଃ । ୪୦ ।

---

କେତେକ ହସିଲେ ଯହୁଁ ତାପ ନ ପାଇଲି ନା । ଶ୍ୱାସପବନ ବହନ୍ତେ ଘନ ନ ହୋଇଲା ବିମନା । ୩୪ । ସର୍ବଭୁବନେ ଯେତେକ ସଖୀ ଯୁବାପୁରୁଷମାନ । ସବୁରି ବର ସେ ବେଣୁଧର ସମାନ ନାହିଁ ଆନ । ୩୫ । ତାହାର ସଙ୍ଗ କ୍ରୀଡ଼ାର ରଙ୍ଗ କଲାକ ଯେଉଁ ନାରୀ । ନରହିଇ ନା ମନେ ବିମନା କାରୁଣ୍ୟ ଭରେ ବରି ।୩୬। ଜୟଦେବଙ୍କ ରଚିତ ଏହି ଶ୍ରୀହରିରସ ଗୀତ । ସୁଜନଜନ ହୃଦପଦ୍ମରେ ହରି ହେଉନ୍ତୁ ସ୍ଥିତ । ୩୭ । ସୁଜନଜନ କର ଗାୟନ ପାତକ ନାଶ ଯାଉ । ରାଧା କୃଷ୍ଣର ଚରଣେ ଧ୍ୟାନ ଜନ୍ମଜନ୍ମାନ୍ତେ ରହୁ । ୩୮ । ଶୁଣ ଚନ୍ଦନ ସମୀର ମୋର ଅତି ବିନୟ ଘେନ । ମନସିଜର ଆନନ୍ଦକର ହୁଅସି ପରସନ । ୩୯ । ଛାଡ଼ସି ବକ୍ରଭାବ ତୋହର ଚତ୍ତେ ନ ଧର ଆନ । ଜଗତେ ଖ୍ୟାତ ଦକ୍ଷିଣବାତ ମୋହର କି କେ ନାମ । ୪୦ । କ୍ଷଣ ମାତ୍ରକେ ମୋର ଅଗ୍ରତେ ମାଧବ ବେଗେ ଆଣ । ପଛେ ତୋହର ଯେମନ୍ତ ଇଚ୍ଛା ଘେନସି ମୋର ପ୍ରାଣ । ୪୧ । ଜଗତଜୀବଜୀବନ ତୁ ଯେ ସବୁରି ହୃଦେ ଥାଉ । ଏମୋର ଅତି ବିରହ ଗତି କୃଷ୍ଣେ କକେ ନ କହୁ । ୪୨ । ଶୁଣ ସଜନ କହଇ ବାଣୀ ଏ ବନଗୃହ ଯେତେ । ହରିବିରହେ ରିପୁର ପ୍ରାୟେ ଦିଶଇ ଜାଣ ମୋତେ । ୪୩ । ହିମ ଶିଶିର ବହନ୍ତେ ଧୀର ଅନଲ ଶିଖାଜାଣି । ସୁଧାକିରଣ ଅତି ଭୀଷଣ ଗରଲ ପ୍ରାୟେ ମଣି । ୪୪ । ଅତି ଉନ୍ନତ ଏ ମନୋରଥ ନୁହଇ

ବାଧାଂ ବିଧେହି ମଲୟାନିଲ ପଞ୍ଚବାଣ
ପ୍ରାଣାନ୍ ଗୃହାଣ ନ ଗୃହଂ ପୁନରାଶ୍ରୟିଷ୍ୟେ ।
କିଂ ତେ କୃତାନ୍ତଭଗିନି କ୍ଷମୟା ତରଙ୍ଗୈ
ରଙ୍ଗାନି ସିଞ୍ଚ ମମ ଶାମ୍ୟତୁ ଦେହଦାହଃ । ୪୧ ।
ପ୍ରାତର୍ନୀଲନିଚୋଳମଚ୍ୟୁତମୁରଃ ସମ୍ବୀତପୀତାଂଶୁକଂ
ରାଧାୟାଶ୍ଚକିତଂ ବିଲୋକ୍ୟ ହସତି ସ୍ୱୈରଂ ସଖୀମଣ୍ଡଳେ ।
ବ୍ରୀଡ଼ାଚଞ୍ଚଲମଞ୍ଚଳଂ ନୟନୟୋରାଧାୟ ରାଧାନନେ
ସ୍ମେର ସ୍ମେରମୁଖୋଽୟମସ୍ତୁ ଜଗଦାନନ୍ଦାୟ ନନ୍ଦାତ୍ମଜଃ । ୪୨ ।

ଇତି ଶ୍ରୀ ଗୀତଗୋବିନ୍ଦେ ବିପ୍ରଲବ୍ଧାବର୍ଣ୍ଣନେ ନାଗର ନାରାୟଣେ
ନାମ ସପ୍ତମଃ ସର୍ଗଃ ।

———o———

ନିବାରଣ । ଦୁର୍ଣ୍ଣୟ କର ମନ ମୋହର ଦହୁଅଛଇ ପ୍ରାଣ । ୪୫ । ନିଷ୍ଠୁରମତି ସେ ଗୋପୀପତି ନିର୍ଦ୍ଦୟ ହୃଦ ଯାର । ତାର ତହିଁକି ବଳେଟି ଚିତ୍ତ ନେଉଛି ଧିର ମୋର ୪୬। ପାଇଣ ତ୍ରାସ ମନେ ନିରାଶ ବୋଲେ ରମଣୀବର । ଶୁଣ ମଳୟ ସମୀର ମୋର ତନୁ ଦହନ କର । ୪୭ । ମୀନକେତନ ପଞ୍ଚମବାଣ ମାର ଜୀବନ ନାଶ । ଯେମନ୍ତ ମୋର ପୁଣ ଗମନ ନୁହଇ ନିଜବାସ । ୪୮ । କ କେ ଶମନଭଗ୍ନୀ କାଳନ୍ଦୀ ଦୟା ତୋହର ଏତେ । ତରଙ୍ଗତର ସିଞ୍ଚଣ ନୀର ଶୀତଳ କରୁମୋତେ ।୪୯। ଗୋବିନ୍ଦ ବିନୁ ମୋହର ତନୁ ଧରିବ ଆଉ କାହିଁ । ତାହାର ଗତ କ୍ରୀଡ଼ା-ବିଷରେ ଯାଉଛି ମୋର ଦେହୀ । ୫୦ । ଶୁଣ ସ୍ୱଜନ ତନୟ ମନ କୃଷ୍ଣ ବିରହେ ରାଧା । ଦହଇ ଚିତ୍ତ ଅତି ଦୁଃଖିତ ମଦନଶରବାଧା । ୫୧ । ହରିଚରିତ ରସ ଅମୃତ ଶ୍ରବଣେ କର ପାନ । ହରିବ ଦୁଃଖ ଲଭିବ ସୁଖ ସଂଶୟ ନାହିଁ ଆନ । ୫୨ । କୃଷ୍ଣର କ୍ରୀଡ଼ାରସବିଶେଷ ଦଶମ ଛନ୍ଦ ବାଣୀ । କହଇ ମୂଢ଼ ଧରଣୀଧର ରଖ ନଳିନପାଣି । ୫୩ । ଆରତଜନ ବିମନମନ ପ୍ରସନ୍ନ ଯଦୁନାଥ । ଭକ୍ତ୍ୟ ବତ୍ସଳ ଦୀନଦୟାଳୁ ଚରଣେ ମୋର ମାଥ । ୫୪ ।

——o✲o——

## ଅଷ୍ଟମଃ ସର୍ଗଃ ।

ଅଥ କଥମପି ଯାମିନୀଂ ବିନୀୟ
ସ୍ମରଶରଜର୍ଜ୍ଜରିତାପି ସା ପ୍ରଭାତେ ।
ଅନୁନୟବଚନଂ ବଦନ୍ତମଗ୍ରେ
ପ୍ରଣତମପି ପ୍ରିୟମାହ ସାଭ୍ୟସୂୟଂ । ୧ ।

ଭୈରବରାଗଯତିତାଲାଭ୍ୟାଂ ଗୀୟତେ ।

ଅସ୍ୟ ଲକ୍ଷଣଂ ।

ସରୋବରସ୍ଥେ ସ୍ଫଟିକସ୍ୟ ମଣ୍ଡପେ ସରୋରୁହୈଃ ଶଙ୍କରମର୍ଚ୍ଚୟନ୍ତୀ ।
ତାଲପ୍ରୟୋଗେ ପ୍ରତିବଦ୍ଧଗୀତା ଗୌରୀତନୁର୍ନାରଦ ଭୈରବୀୟଂ ॥

ରଜନିଜନିତଗୁରୁଜାଗର ରାଗକଷାୟିତମଲସନିମେଷଂ ।
ବହତି ନୟନମନୁରାଗମିବ ସ୍ଫୁଟମୁଦିତରସାଭିନିବେଶଂ ।
ହରିହରି ଯାହି ମାଧବ ଯାହି କେଶବ ମା-ବଦ କୈତବବାଦଂ ।

---

ଏକାଦଶ ଛାନ୍ଦ । ରାଗ — ବଙ୍ଗଳାଶ୍ରୀ ।

ଏଥୁଅନନ୍ତରେ ଶୁଣ ସାଧୁଜନେ ତାପ ପାଇ ମନେ ରାଧା । ଉଜାଗର ହୋଇ ପୁହାଇ ରଜନୀ କରଛି ମଦନବାଧା । ୧ । ଅରୁଣ ଉଦୟ ପ୍ରଭୁ ଦେବରାୟ କାମଶରେ ଖିନ୍ନ କାୟ । ରାଧା ଅଗ୍ରତେ ମିଳି କହେ ଅନନ୍ତ ନମ୍ରତା ଅତି ବିନୟ । ୨ । ଗୋବିନ୍ଦଙ୍କୁ ଦେଖି ପୂର୍ଣ୍ଣ-ଶଶିମୁଖୀ କୋପରେ ପୂରିତ ଦେହ । ନିରାଶବାଣୀ କହଇ ପୁଣି ପୁଣି ମୋର ସନ୍ନିଧିରୁ ଯାଅ । ୩ । ତୋର ଧୂର୍ତ୍ତପଣ ଯେତେକ ବଚନ ନ କହ ପଦ୍ମଲୋଚନ । ଯେ ତୋ କାମଖେଦ ହରିଲା ବିଷାଦ ତା ପାଶେ କର ଗମନ । ୪ । ନିଦ୍ରା ଦୂର କରି ଯେବଣ ଯୁବତୀ ଭୁଲେ ବଞ୍ଚିଲ ରଜନୀ । ତାର ପୀରତିରେ ଯେତେ ତୋର ମତି କହୁଛି ନୟନ ବେନି । ୫ । ଅମଳକମଳଦଳ ଭଙ୍ଗ ରୋଳ ଅଳସେ କଷା ସଙ୍କାଶ । ସଙ୍କୋଚନୟନ ନିଦ୍ରା ସ୍ଫୁରେ ଘନ ବଦନ ଅତି ବିରସ । ୬ । କେଳି-ରସକାଳେ ତାଙ୍କୁ ସ୍ନେହଭୋଳେ ଲୋଚନେ ଦେଲୁ ଚୁମ୍ବନ । ଏ ତୋର ସୁରଙ୍ଗ ଅଧର ବିରଙ୍ଗ କଜ୍ଜଳେ ଅତି ମଳିନ । ୭ । ଅରୁଣର

ତମନୁସର ସରସୀରୁହଲୋଚନ ଯା ତବ ହରତି ବିଷାଦଂ । ୧ ।
ଧ୍ରୁବପଦମିଦଂ ।
କଜ୍ଜଲ ମଳିନବିଲୋଚନଚୁମ୍ବନ ବିରଚିତନୀଳିମରୂପଂ ।
ଦଶନବସନମରୁଣଂ ତବ କୃଷ୍ଣ ତନୋତି ତନୋରନୁରୂପଂ ।
ବପୁରନୁହରତି ତବ ସ୍ମରସଙ୍ଗରଖରନଖରକ୍ଷତରେଖଂ ।
ମରକତଶକଲକଳିତ କଳଧୌତଲିପେରିବ ରତିଜୟଲେଖଂ ।
ଚରଣକମଳଗଳଦଲକ୍ତକସିକ୍ତମିଦଂ ତବ ହୃଦୟମୁଦାରଂ
ଦର୍ଶୟତୀବ ବହିର୍ମଦନଦ୍ରୁମନବକିଶଲୟପରିବାରଂ । ୫ ।

---

ଜ୍ୟୋତି ଅଧର କାନ୍ତି ତବ ତନୁ ପ୍ରାୟ ଆଭା । ବଧୁବହ୍ନାନେ
ଯେତେକେ ନୀଳନଳିନପାଖୁଡ଼ାର ପ୍ରାୟ ଶୋଭା । ୮ । ତାର କରରୁହ
କ୍ଷତେ ତୋର ଦେହ ଯେମନ୍ତ ଦିଶଇ ଶୁଣ । ଜମ୍ବୁନଦରେଖା
ଲେଖିଥିଲେ ଶିଖା ଜାଣି ମର୍କତ ପାଷାଣ । ୯ । ମଦନସମର ଗାତ
ସୁରତରେ ଜିଣିଲା ତୋତେ ଅବଳା । ଜୟ କରି ପତ୍ର ଲେଖିଛି
ତରୁଣୀ ଜାଣଇ ବିବିଧ କଳା । ୧୦ । କହୁଅଛି ପୁଣି ଶୁଣ ମୋର
ବାଣୀ ତାହାକୁ ତୋ ସ୍ନେହ ଅତି । କ୍ରୀଡ଼ାରସକାଳେ ନ ଦେଖିଲୁ
ଘାଲେ ହୋଇଲୁ ସେ ଭେଳମତି । ୧୧ । ତାହାର ଚରଣ ଯେନ
ହୃଦୟେଣ ଧଇଲୁ ତୋହର ଆଣି । ଅଳତା ରଙ୍ଗ ଯେସନେ ଦିଶେ
ଅଙ୍ଗ ଶୁଣ କହ ବେଣୁପାଣି । ୧୨ । ହୃଦୟଭିତର କାମତରୁବର ନବ-
ପଲ୍ଲବିତ ହୋଏ । ବାହାରକୁ କିଏ ପ୍ରକାଶ ହୋଇଅଛି ଦିଶଇ ତେସନ
ପ୍ରାୟେ । ୧୩ । ଏ ତୋର ଅଧର ଦଶନେ ଦଶନଘାତ ଦେଇଅଛି
ରାମା । ଦେଖିଣ ବିଷାଦ ମନେ ମୋର ଖେଦ ଧନ୍ୟ ସେ ରାମା-
ମହିମା । ୧୪ । କହିଲି ଯେତେକ କଥା ଏକୁଏକ ଲୁଗ୍ଣଇବୁ ଅବା
କାହିଁ । ମୋହର ତୋହରେ ଅଭେଦ କହୁ ତୁ ପୂର୍ତ୍ତପଣ କାହିଁ
ଯାଇଁ । ତାହାର ଭିତର ଶୁଦ୍ଧ ନାହିଁ ତୋର କଥାରେ ନ ଭଣ୍ଡ ହରି ।
ଜ କର ଭୃଗତ ଯାଅ ହେ ଶ୍ରୀପତି ଯହିଁ ଅଛି ସେ ନାଗରୀ । ୧୬ ।
ନତ୍ୟେନ୍ଦେ ମକରନ୍ଦଜରାୟୃଶର ତନୁରେ ଯତ ମୋହର । ବନ୍ଧୁତ

ଦଶନପଦ ଭବଦଧରଗତଂ ମମ ଜନୟତି ଚେତସି ଖେଦଂ ।
କଥୟତି କଥମଧୁନାପି ମାୟା ସହ ତବ ବପୁରେତଦଭେଦଃ ।୬।
ବହିରିବ ମଲିନତରଂ ତବ କୃଷ୍ଣ ମନୋଽପି ଭବିଷ୍ୟତି ନୂନଂ ।
କଥମଥ ବଞ୍ଚୟସେ ଜନମନୁଗତମସମଶରଜ୍ୱରଦୂନଂ । ୭ ।
ଭ୍ରମତି ଭବାନବଲାକବଳାୟ ବନେଷୁ କିମତ୍ର ବିଚିତ୍ରଂ ।
ପ୍ରଥୟତି ପୂତନିକୈବ ବଧୂବଧନିର୍ଦ୍ଦୟବାଳଚରିତ୍ରଂ । ୮ ।
ଶ୍ରୀଜୟଦେବଭଣିତରତିବଞ୍ଚିତଖଣ୍ଡିତଯୁବତିବିଲାପଂ ।
ଶୃଣୁତ ସୁଧାମଧୁରଂ ବିବୁଧାଳୟତୋଽପି ଦୁରାପଂ । ୯ ।
ତବେଦଂ ପଶ୍ୟନ୍ତ୍ୟାଃ ପ୍ରସରଦନୁରାଗଂ ବହିରିବ ।
ପ୍ରିୟାପାଦାଲକ୍ତଚ୍ଛୁରିତ ମରୁଣଚ୍ଛାୟ ହୃଦୟଂ ।

---

ଦୁର୍ଣ୍ଣୟ କର ଦନ୍ତେ ଦେନ୍ତ କହନ୍ତ କାହା ଆଗର । ୧୭ । ଅବଳା କାମିନୀ ହୋଇ ଏକାକିନୀ ବନେ ବନେ ଭ୍ରମୁଥାଇ । ରଜନୀ ଦିବସ ନ ଜାଣଇ ଶେଷ ମରଇ ତୋହର ପାଇଁ । ୧୮ । ଏ ତୋର ହୃଦୟ ନିଷ୍ଠୁର କଠୋର ଭଲେ ଜାଣଇ ମୁଁ କି ନା । ବାଳକାଳେ ସ୍ତନ-ପାନ କରି ହେଲେ ବଧ କଲୁ ତୁ ପୂତନା । ୧୯ । ସ୍ତ୍ରୀହତ୍ୟାକଲୁ କିଛି ନ ମଣିଲୁ ତୋତେ ନ ଲାଗିଲା ସେହି । ମୋତେ ଅରଣ୍ୟ ଭିତରେ ବୁଲାଇବା ଏ କି ବିଚିତ୍ର ଅଟଇ । ୨୦ । ସଙ୍କେତସ୍ଥାନେ ସ୍ୱରକ୍ରୀଡ଼ା ନ ପାଇ ରତି ବିଳାପ ଖଣ୍ଡିତା । ବିବୁଧ ଦୁର୍ଲ୍ଲଭ ଅମୃତରୁଁ ସୁଲଭ ଜୟଦେବ ଯା କହିଲା । ୨୧ । ପୁନରପି ଶୁଣ ମୋହର ବଚନ ପ୍ରିୟାଙ୍କୁ ତୋ ଅନୁରାଗ । ଅଳତାର ଶୋଭା ଅରୁଣର ପ୍ରଭା ବହିକୁ ହୃଦୟଭାଗ । ୨୨ । ତାର ସ୍ନେହଭରେ ମୋହର ଆଗର ଦେଖାଉ-

ମମାଦ୍ୟ ପ୍ରଖ୍ୟାତପ୍ରଣୟଭରଭଙ୍ଗେନ କିତବ ।
ତ୍ୱଦାଲୋକଃ ଶୋକାଦପି କିମପି ଲଜ୍ଜାଂ ଜନୟତି । ୧୦ ।

ଅନ୍ତର୍ମୋହନମୌଳିଘୂର୍ଣ୍ଣନଚଲନ୍ମନ୍ଦାରବିସ୍ରଂସନ—
ସ୍ତବ୍ଧାକର୍ଷଣଦୃଷ୍ଟିହର୍ଷଣମହାମନ୍ତ୍ରଃ କୁରଙ୍ଗୀଦୃଶାଂ ।
ଦୃପ୍ୟଦ୍ଦାନବଦୂୟମାନଦିବିଷଦ୍ଦୁର୍ବାରଦୁଃଖାପଦାଂ
ଭ୍ରଂଶଃ କଂସରିପୋର୍ବ୍ୟପୋହୟତୁ ବଃ ଶ୍ରେୟାଂସି ବଂଶୀରବଃ । ୧୧ ।

ଇତି ଶ୍ରୀ ଗୀତଗୋବିନ୍ଦେ ଖଣ୍ଡିତାବର୍ଣ୍ଣନେ ବିଲକ୍ଷଲକ୍ଷ୍ମୀପତିର୍ନାମ
ଅଷ୍ଟମଃ ସର୍ଗଃ ।

———o———

ଅଛୁ ମୁରାରି । ଶୋକେ ଦହେ ତନୁ ଲଜ୍ଜା ଅତି ମଣୁ ଚତୁର ଅଟ ଶ୍ରୀହରି । ୧୩ । ବନୟୁବାଣୀ ଯେତେକ ଚକ୍ରପାଣି କହିଲେ ରାଧା ସମୀପ । କେବେହେଁ ଶାନ୍ତ ନୋହିଲା ସେ ସୁମୁଖୀ--ବିଧୁବଦନୀର ତାପ । ୧୪ । କୃଷ୍ଣ କ୍ରୀଡ଼ାରସ ଛାନ୍ଦ ଏକାଦଶ ସରସ ମଧୁର ବାଣୀ । ରସିକଜନର ରସଭର ମନ ସଦନ କି ଏଥୁ ଜାଣି । ୧୫ । କାଳେନ୍ଦୀ-ବଟଲୋଚନ କଲେବର ନୀଳଜଳଧର ଆଭା । ଧରଣୀଧର ଧୀରମତି ଗୃତଜ୍ଞ ତୃଷିତ ମୁକୁନ୍ଦସେବା । ୧୬ ।

———o———

ଦ୍ୱାଦଶ ଛାନ୍ଦ । ରାଗ—କେଦାର

ଏଥୁଅନନ୍ତରେ କଥା । ରାଧିକାର ମନେ ବ୍ୟଥା । ୧ । କୁସୁମ--ଶରରେ ଖିନ୍ନ । ରତିରସ ବିନୁ ଦୀନ । ୨ । ବିଷାଦିତ ହୋଇବସି ।

## ନବମଃ ସର୍ଗଃ ।

ତାମଥ ମନ୍ମଥଖିନ୍ନାଂ ରତିରସଭିନ୍ନାଂ ବିଷାଦସମ୍ପନ୍ନାଂ ।
ଅନୁଚିନ୍ତିତହରିଚରିତାଂ କଲହାନ୍ତରିତାମୁବାଚ ରହଃ ସଖୀ । ୧ ।

ରାମକିରୀରାଗଯତି ତାଳାଭ୍ୟାଂ ଗୀୟତେ ।
ହରିରଭିସରତି ବହତି ମୃଦୁପବନେ ।
କିମପରମଧିକସୁଖଂ ସଖି ଭବନେ ।
ମାଧବେ ମା କୁରୁ ମାନିନି ମାନମୟେ । ୨ । ଧ୍ରୁବଂ
ତାଳଫଳାଦପି ଗୁରୁମତିସରସଂ ।
କିଂ ବିଫଳୀକୁରୁଷେ କୁଚକଳଶଂ । ୩ ।
କତି ନ କଥିତମିଦମନୁପଦମଚିରଂ ।
ମା ପରିହର ହରିମତିଶୟରୁଚିରଂ । ୪ ।
କିମିତି ବିଷୀଦସି ରୋଦିଷି ବିକଳା ।
ବିହସତି ଯୁବତିସଭା ତବ ସକଳା । ୫ ।

---

ହରି କଥା ମନେ ଘୋଷି ।୩। କୃଷ୍ଣରେ କଳହ କରି । ଝୁରଇ ନୟନ ବାରି । ୪ । ଏସନ ଦେଖି ସଜନୀ । କହଇ ମଧୁରବାଣୀ । ୫ । ଶୁଣ ସଖୀ ବାଣୀ ମୋର । ମାଧବେ ମାନ ନ କର ; ୬ । ଦେଖ ଏ ବସନ୍ତ କାଳ । ବହଇ ମଳୟାନିଳ । ୭ । ଏସନ ସମୟେ ହରି । ଅଇଲେ ତୋ ଅନୁସରି । ୮ । ଏଥୁ କିସ ଫଳ ଦେଖି । ଲଭିବୁ ଯେ ସୁଖ ସଖି । ୯ । ଏ ତୋର କୁଚ ଯୁଗଳ । ସରସ କି ତାଳଫଳ । ୧୦ । ଏହାକୁ ବିଫଳ କରୁ । କୃଷ୍ଣଙ୍କୁ ଅନ୍ତର ଧରୁ । ୧୧ । ହରିକଥା କହେ ଯେତେ । ନ ଘେନୁ ହୃଦୟଗତେ । ୧୨ । ଗୋବିନ୍ଦ ନ ଛାଡ଼ ମିତ । ତ୍ରିପୁରସୁନ୍ଦର କାନ୍ତ । ୧୩ । ବିଷାଦ କିପାଇଁ ମନ । ବିକଳେ କରୁ

ସଜଲନଳିନୀଦଳଶୀତଳଶୟନେ ।
ହରିମବଲୋକୟ ସଫଳୟ ନୟନେ । ୬ ।
ଜନୟସି ମନସି କିମିତି ଗୁରୁଖେଦଂ ।
ଶୃଣୁ ମମ ବଚନମନୀହିତ ଭେଦଂ । ୭ ।
ହରିରୁପୟାତୁ ବଦତୁ ବହୁ ମଧୁରଂ ।
କିମିତି କରୋଷି ହୃଦୟମତି ବଧୁରଂ । ୮ ।
ଶ୍ରୀ ଜୟଦେବ ଭଣିତମତିଲଳିତଂ ।
ସୁଖୟତୁ ରସିକଜନଂ ହରିଚରିତଂ ।

ସ୍ନିଗ୍ଧେ ଯତ୍ପରୁଷାସି ଯତ୍ ପ୍ରଣମତି ସ୍ତବ୍ଧାସି ଯଦ୍ରାଗିଣୀ
ଦ୍ୱେଷସ୍ଥାସି ଯଦୁନ୍ମୁଖେ ବିମୁଖତାଂ ଯାତାସି ତସ୍ମିନ୍ପ୍ରିୟେ ।
ତଦ୍ୟୁକ୍ତଂ ବିପରୀତକାରିଣି ତବ ଶ୍ରୀଖଣ୍ଡଚର୍ଚ୍ଚାବିଷଂ
ଶୀତାଂଶୁସ୍ତପନୋ ହିମଂ ହୁତବହଃ କ୍ରୀଡ଼ାମୁଦୋଯାତନାଃ । ୧୦ ।

---

ରୋଦନ । ୧୫ । ତୋହର ଏସନ ଦେଖି । ହସିବେ ସକଳ ସଖୀ ॥ ସଜଳ ନଳିନୀଦଳ । ସୁସଜ୍ଜ ଶଯ୍ୟା ଶୀତଳ । ୧୬ । ତହିଁରେ ଦେଖ ହରିଙ୍କି । ସଫଳ ହେଉ ତୋ ଆଖି । ୧୭ । ନ ଧର ତୁ ତାପ ମନ । ମୋର ହିତବାଣୀ ଘେନ । ୧୮ । ମନରେ ନ ଧର ଖେଦ । କୃଷ୍ଣରେ ନ କର ଭେଦ । ୧୯ । କୃଷ୍ଣଙ୍କୁ କହ ମଧୁର । ମନଖେଦ ଦୂର କର । ରସିକଜନଙ୍କ ଚିତ୍ତ । ଅତି ହରଷ ଉଦିତ । ୨୧ । ଶ୍ରୀ ଜୟଦେବ କଥିତ । କୃଷ୍ଣଚରିତ ଲଳିତ । ୨୨ । ଶୋଭାପୁରୁଷ ମାଧବ । ଦେବଙ୍କ ଉପରେ ଦେବ । ୨୩ । ସେ ଆସି ତୋରେ ବିନୟେ । ମଧୁର ମୃଦୁରେ କହେ । ଉଦେଶ ତାକୁ ନ କହୁ । ବିମୁଖରେ ତାପ ପାଉ । ୨୫ । ଏ ତୋର ନୋହେ ବିହିତ । କାଳେ ହେବ ବିପରୀତ । ୨୬ । ଚନ୍ଦନ ହୋଇବ ବିଷ । ଚନ୍ଦ୍ରକର ଭାନୁହାସ । ୨୭ । ହିମରୁ ହିମ ପବନ । ହେବ ଅନଳ ସମାନ । ୨୮ । କ୍ରୀଡ଼ାରସ ଘେନ ଚତ୍ତେ । ବାଧା କରେ ହୃଦଗତେ । ୨୯ । ଘେନ ସଖି ମୋ ଉତ୍ତର । ହରି ତୋ

ଧାନ୍ତ୍ରାନନ୍ଦପୁରନ୍ଦରସ୍ପୃଦଦଧ୍ବଷଦ୍ବୃନ୍ଦୈରମନ୍ଦାଦର-
ଦାନମ୍ରୈର୍ମୁକୁଟେନ୍ଦ୍ରନୀଳମଣିଭିଃ ସନ୍ଦର୍ଶିତେନ୍ଦୀବରଂ ।
ସ୍ବଚ୍ଛନ୍ଦଂ ମକରନ୍ଦସୁନ୍ଦରଗଳନ୍ମନ୍ଦାକିନୀମେଦୁରଂ ।
ଶ୍ରୀ ଗୋବିନ୍ଦପଦାରବିନ୍ଦମଶୁଭସ୍କନ୍ଦାୟ ବନ୍ଦାମହେ । ୧୧ ।

ଇତି ଶ୍ରୀ ଗୀତଗୋବିନ୍ଦେ କଳହାନ୍ତରିତା ବର୍ଣ୍ଣନେ ମୁଗ୍ଧମୁକୁନ୍ଦୋ
ନାମ ନବମଃ ସର୍ଗଃ ।

—:୦:—

## ଦଶମଃ ସର୍ଗଃ ।

ଅତ୍ରାନ୍ତରେ ମସୃଣରୋଷବଶାମସୀମ-
ନିଃଶ୍ୱାସନିଃସହମୁଖୀଂ ସୁମୁଖୀମୁପେତ୍ୟ ।
ସବ୍ରୀଡ଼ମୀକ୍ଷିତସଖୀବଦନାଂ ପ୍ରଦୋଷେ
ସାନନ୍ଦଗଦ୍ଗଦପଦଂ ହରିରିତ୍ୟୁବାଚ । ୧ ।

---

ପ୍ରାଣଈଶ୍ବର । ୩୦ । ଶୁଣ ସାଧୁ ସୁଜ୍ଞ ପ୍ରାଣୀ । ସଖୀବୋଧ ରସବାଣୀ । ଯେତେ କଥା କହେ ଦୂତୀ । ମଉନ ସରୋଜନେତ୍ରୀ । ୩୨ । ଶ୍ରୀକୃଷ୍ଣଙ୍କ କ୍ରୀଡ଼ାରସ । ଛାନ୍ଦ ଉକତ ଦ୍ୱାଦଶ । ୩୩ । ଗୋବିନ୍ଦ ପାଦଯୁଗଳ । ନବ ବିକଚ କମଳ । ୩୪ । ମକରନ୍ଦ ଅଶେ ଭୃଙ୍ଗ । ଧରଣୀଧର ସଙ୍ଗ । ୩୫ ।

—o—

### ତ୍ରୟୋଦଶ ଛାନ୍ଦ । ରାଗ—ବଙ୍ଗଳା ଶ୍ରୀ ।

ଏଥୁ ଅନନ୍ତରେ ଶୁଣ ହେ ସୁଜନେ ଅମୀୟମଧୁର ବାଣୀ । ଯେତେ କହଇ ସହଚରୀ ବଚନ ନ ହେଏ ତହିଁ ତରୁଣୀ । ୧ । କୃଷ୍ଣଙ୍କୁ ନ ଦେଖି କ୍ରୋଧଭର ବାମା ଅନ୍ତରେ ଦହେ ମଦନ । ନିଃଶ୍ୱାସର ତାପ ସହି ନ ପାରଇ ବିରସ ଅତି ବଦନ । ୨ । ଏଥୁ ଅନନ୍ତରେ ଦିବସ ଅନ୍ତରେ ବିଜୟ କଲେ ମୁକୁନ୍ଦ । ସଲଜ୍ଜେ ରାଧାବଦନକୁ ଚାହିଁଣ

ଦେଶବରାଡୀରାଗାଷ୍ଟତାଳାଭ୍ୟାଂ ଗୀୟତେ ।
ଅସ୍ୟ ଲକ୍ଷଣଂ ।

କୁନ୍ଦେନ୍ଦୁ କାନ୍ତ ତନୁଦେହବଲ୍ଲୀ ଶୁକ୍ଳାମ୍ବରା ସା ପତିତାସୁବେଶୀ ।
ଭର୍ତ୍ତୁଃସ୍ମରନ୍ତୀ ଶୟନେ ବଦଗ୍ଧା ଅକ୍ଷିଦ୍ୟମାନା କଶି ଦେଶିକେୟଂ

ବଦସି ଯଦି କିଞ୍ଚିଦପି ଦନ୍ତରୁଚିକୌମୁଦୀ
ହରତି ଦରତିମିରମତିଘୋରଂ । ୧ ।
ସ୍ଫୁରଦଧରସୀଧବେ ତବ ବଦନଚନ୍ଦ୍ରମା
ରୋଚୟତି ଲୋଚନଚକୋରଂ ।
ପ୍ରିୟେ ଚାରୁଶୀଲେ, ମୁଞ୍ଚ ମୟି ମାନମନିଦାନଂ ।
ସପଦିମଦନାନଲୋ ଦହତି ମମ ମାନସଂ ।
ଦେହି ମୁଖକମଲମଧୁପାନଂ । ୨ । ଧ୍ରୁବଂ ।
ସତ୍ୟମେବାସି ଯଦି ସୁଦତି ମୟି କୋପିନୀ ।
ଦେହି ଖରନୟନଶରଘାତଂ
ଘଟୟ ଭୁଜବନ୍ଧନଂ ଜନୟ ରଦଖଣ୍ଡନଂ
ଯେନ ବା ଭବତି ସୁଖଜାତଂ । ୩ ।

---

ସାନନ୍ଦ ପରମାନନ୍ଦ । ୩ । ଶୁଣ ଗୋ ସୁନ୍ଦରି ପ୍ରାଣବନ୍ଧୁ ମୋହଠାରୁ ଦୂର କର ମାନ । ନିରତେ କାମଅନଳ ଦହେ ମନ ଦିଅ ମୁଖୁ ମଧୁପାନ ॥ କିଞ୍ଚିତ ବଚନ କହ ସଖି ହସି ଦିଶୁ ଦନ୍ତପନ୍ତି ତୋର । ଚନ୍ଦ୍ର-କିରଣ ପ୍ରକାଶ କରି ହରୁ ଏ କାମତିମିର ଘୋର । ୪ । ବେନି ଲୋଚନଚକୋର ମୋର ସୁଧା ଲାଳସେ ଚଞ୍ଚଳ ଅତି । ଉଲ୍ଲସିତେ ତୋର ଚନ୍ଦ୍ରମୁଖ ଟେକି ଚାହିଁଲେ ହୋଇବ ଶାନ୍ତ । ୬ । ନିଶ୍ଚୟେ ମାରିବାକୁ ମୋତେ ତୋହର କୋପ ଯେବେ ଅଛି ମନ । ଦିଅ ତୀକ୍ଷ୍ଣଶର ଅପାଙ୍ଗଘାତକୁ ଭୁଜରେ କର ବନ୍ଧନ । ୭ । ଦଶନେ ଖଣ୍ଡନକର କଳେବର ଯେହ୍ନେ ତୋଷ ହୁଏ ଚିତ୍ତ । ଏମନ୍ତ ବିବିଧ ପ୍ରକାରେଣ ଦଣ୍ଡ ସଖି ତୋର ଯେ ଉଚିତ । ୮ । ତୁହି ସେ ମୋହର ଭୂଷଣ ଜୀବନ ତୁହି ଭବସିନ୍ଧୁ ରତ୍ନ । ତୁହି ସେ ନିରତେ ଅନୁରାଗ ।

ସ୍ଥଲକମଳଗଞ୍ଜନଂ ମମ ହୃଦୟ ରଞ୍ଜନଂ
ଜନିତରତିରଙ୍ଗପରଭାଗଂ ।
ଭଣ ମସୃଣବାଣି-କରବାଣି ଚରଣଦ୍ୱୟଂ
ସରସଲସଦଲକ୍ତକରାଗଂ । ୭ ।
ସ୍ମରଗରଲଖଣ୍ଡନଂ ମମ ଶିରସି ମଣ୍ଡନଂ
ଦେହି ପଦପଲ୍ଲବମୁଦାରଂ ।
ଜ୍ୱଲତି ମୟି ଦାରୁଣୋ ମଦନକଦନାନଲୋ-
ହରତୁ ତଦୁପାହିତବିକାରଂ । ୮ ।
ଇତି ଚଟୁଲଚାଟୁପଟୁ ଚାରୁ ମୁରବୈରିଣୋ
ରାଧିକାମଧିବଚନଜାତଂ ।
ଜୟତି-ପଦ୍ମାବତୀରମଣ ଜୟଦେବ କବି-
ଭାରତି ଭଣିତ ମତିଶାତଂ । ୯ ।

---

ସର୍ବ ଅଙ୍ଗ ମୋର । ୧୭ । ବିନୟ ଚାଟୁବଚନ ଲଳିତ ରାଧାଙ୍କୁ କୃଷ୍ଣ ଯା କହିଲେ । ପଦ୍ମାବତୀଭର୍ତ୍ତା ଜୟଦେବବାଣୀ ଭାବ ଜନେ ହୃଦେ କଲେ । ଏ ତୋର ଯୌବନ ଜଘନ ସଙ୍କଟେ ପଡି ରହିଲା ମୋ ମନ । କୁପିତ ଅନ୍ତର ନ ହୁଅ ଗୋ ମୋତେ ଗାଢେ ଦିଅ ଆଲିଙ୍ଗନ । ୧୮ । ଛାଡ଼ ଏବେ ଆତଙ୍କ ଶଙ୍କିତ ମନ ପ୍ରବେଶ ରମ୍ୟ କାନନ । କେବେଁ ଅବକାଶ ନ ପାଇଲା ଯେଣୁ ତୋର ଉପୁଜିଲା ମାନ । ୧୯ । ଯେବେ ତୋର ନିର୍ଦ୍ଦୟ ଚିତ୍ତ କୁପିତ ପୁଣ କହଇ ତୋହରେ । ବାହୁଲତା ଭିଡ଼ି ଦନ୍ତଘାତେ କଠିନସ୍ତନେ ପୀଡ ମୋହରେ । ୨୦ । ଏ ତୋର ନୟନ ପଞ୍ଚଶର ମାର ମୋଠାରେ ଯେମନ୍ତ ଇଚ୍ଛା । ଚଣ୍ଡାଳ ମଦନ ହାତରୁ ମାନିନି ତୁ ମୋତେ କରସି ରକ୍ଷା । ୨୧ । ଭ୍ରୂଲତା ବେଶଭରେ କୁଟିଳତର ହୋଇ ଯୁବାଜନଙ୍କର । ବିହ୍ୱଳ ଜନନ କରାଇ ଯେ କାଳସର୍ପୀ ସମାନ ଆକାର । ୨୨ । ଦେଖି ସଖି ଯେଉଁ ଭୟ ହୃଦେ ହୁଏ ତାହା ନିବାରଣ ପାଇଁ । ତୁମ୍ଭ ଅଧର ବିଗଳିତ ମଦିରା ସୁଧା ଯେ ସିଦ୍ଧମନ୍ତ୍ରହିଁ ।

ପରିହର କୃତାତଙ୍କେ ଶଙ୍କାଂ ତ୍ୱୟା ସତତଂ ଘନ-
ସ୍ତନଜଘନୟାକ୍ରାନ୍ତେ ସ୍ୱାନ୍ତେ ପରା ନବକାଶିନି ।
ବିଶତି ବିତନୋରନ୍ୟୋ ଧନ୍ୟୋ ନ କୋଽପି ମମାନ୍ତରଂ
ସ୍ତନଭରପରୀରମ୍ଭାରମ୍ଭେ ବିଧେହି ବିଧେୟତାଂ । ୧୦ ।
ମୁଗ୍ଧେ ବିଧେହି ମୟି ନିର୍ଦ୍ଦୟଦନ୍ତଦଂଶ-
ଦୋର୍ବଲ୍ଲିବନ୍ଧନିବିଡ଼ସ୍ତନପୀଡ଼ନାନି ।
ଚଣ୍ଡି ତ୍ୱମେବ ମୁଦମୁଞ୍ଚ ନ ପଞ୍ଚବାଣ-
ଚଣ୍ଡାଳକାଣ୍ଡଦଳନାଦସବଃ ପ୍ରୟାନ୍ତୁ । ୧୧ ।
ଶଶିମୁଖି ତବ ଭାତି ଭଙ୍ଗୁରଭ୍ରୂ-
ର୍ୟୁବଜନମୋହକରାଳକାଳସର୍ପୀ
ତଦୁଦିତଭୟଭଞ୍ଜନାୟ ଯୂନାଂ
ତ୍ୱଦଧରସୀଧୁସୁଧୈବ ସିଦ୍ଧମନ୍ତ୍ରଃ । ୧୨ ।
ବ୍ୟଥୟତି ବୃଥା ମୌନଂ ତନ୍ୱି ପ୍ରପଞ୍ଚୟ ପଞ୍ଚମଂ ତରୁଣି
ମଧୁରାଳାପୈସ୍ତାପଂ ବିନୋଦୟ ଦୃଷ୍ଟିଭିଃ ।
ସୁମୁଖି ବିମୁଖୀଭାବଂ ତାବଦ୍ୱିମୁଞ୍ଚ ନ ମୁଞ୍ଚ ମା
ସ୍ୱୟମତିଶୟସ୍ନିଗ୍ଧୋ ମୁଗ୍ଧେ ପ୍ରିୟୋଽୟମୁପସ୍ଥିତଃ । ୧୩ ।

---

ବିଅର୍ଥେ ମଉନ ହେବାର ସୁନ୍ଦରି ପୀଡ଼ା କରେ ମୋର ଚିତ୍ତ ମଧୁରାଳାପ କୋକିଳ ବାଣୀ କହି ମୋ ସନ୍ତାପ ହେଉ ହତ । ୧୪। ଲୀଳାରେ ଅବଲୋକନ କରି ମୋହେ ଖେଦ ନ ରଖି ମନରେ ବିବିଧପ୍ରକାରେ ମୁହିଁ ବୋଲୁଅଛି ପ୍ରସନ୍ନ ହୁଅ ତୁ ମୋରେ । ୧୫ । କାଳେ ତୋର ବଦନକୁ ଆଶ୍ରେ କରି ବିଶ୍ୱ ଜିଣିଲା ମଦନ । ପୁନରପି ଥୋଇ ପୁଷ୍ପ ପଞ୍ଚଶର ପାଶେ କଲେ ଉତ୍ଥ୍ୟପଣ । ୧୬ । ଅଧର ବନ୍ଧୁକ ସୁସ୍ନିଗ୍ଧ୍ୟୋତି ଗଣ୍ଡଯୁଗ ମଧୁକର ଆଭା । ନବୀନନଳିନଲୋଚନ ଲାବଣ୍ୟ ନାସା ତିଳପୁଷ୍ପ ଶୋଭା । ୧୭ । ଦଶନ କୁନ୍ଦକଳିକା ପ୍ରାୟ ଦେଖି ଶଙ୍କା ପାଏ ପଞ୍ଚଶର । ନିର୍ମାଣ କରିଛି ଧାତା ମର୍ତ୍ତେ ତ୍ରିଭୁବନର

ବନ୍ଧୂକଦ୍ୟୁତିବାନ୍ଧବୋଽୟମଧରଃ ସ୍ନିଗ୍ଧୋ ମଧୂକଚ୍ଛବି
ର୍ଗଣ୍ଡେ ଚଣ୍ଡି ଚକାସ୍ତି ନୀଲନଳିନଶ୍ରୀମୋଚନଂ ଲୋଚନଂ ।
ନାସାଭ୍ୟେତି ତିଲପ୍ରସୂନପଦବୀଂ କୁନ୍ଦାଭଦନ୍ତି ପ୍ରିୟେ
ପ୍ରାୟସ୍ତ୍ୱନ୍ମୁଖସେବୟା ବିଜୟତେ ବିଶ୍ୱଂ ସ ପୁଷ୍ପାୟୁଧଃ । ୧୪ ।
ଦୃଶୌ ତବ ମଦାଲସେ ବଦନମିନ୍ଦୁସନ୍ଦୀପନଂ
ଗତିର୍ଜନମନୋରମା ବିଜିତରମ୍ଭମୂରୁଦ୍ୱୟଂ ।
ରତିସ୍ତବ କଳାବତୀରୁଚିରଚିତ୍ରଲେଖେ ଭ୍ରୁବା
ବହୋ ବିବୁଧ ଯୌବତଂ ବହସି ତନ୍ୱି ପୃଥ୍ୱୀଗତା । ୧୫ ।
ପ୍ରୀତିଂ ବସ୍ତନୁତାଂ ହରି କୁବଳୟାପୀଡେନ ସାର୍ଦ୍ଧଂରଣେ
ରାଧାପୀନପୟୋଧରସ୍ମରଣକୃତ୍‌କୁମ୍ଭେନ ସମ୍ଭେଦବାନ୍
ଯତ୍ର ସ୍ୱିଦ୍ୟତି ମୀଲତି କ୍ଷଣମଥ କ୍ଷିପ୍ତେ ଦ୍ୱିପେ ତତ୍‌କ୍ଷଣାତ୍
କଂସସ୍ୟାଲମଭୂଜ୍ଜିତଂ ଜିତମିତି ବ୍ୟାମୋହକୋଲାହଳଃ ।୧୬।

ଇତି ଶ୍ରୀ ଗୀତଗୋବିନ୍ଦେ ମାନିନୀବର୍ଣ୍ଣନେ ମୁଗ୍ଧମାଧବୋ
ନାମ ଦଶମଃ ସର୍ଗଃ ।

---

ରମଣୀବର । ୩୦ । ଅବନୀରେ ଜନ୍ମି ସ୍ୱର୍ଗବିଦ୍ୟାଧରବୃନ୍ଦ ପ୍ରାୟେ ହେଲେ ଆସି । ଯାହାର ଯେତେକ ଉତ୍ତମ ଗୁଣରେ ଘେନିଲୁ କି ଶୃଗୁଗତ । ବିପରୀତରମ୍ଭାଉରୁଯୁଗଳକୁ ରମ୍ଭା ଦେଖି ପାଏ ଭ୍ରାନ୍ତି । ମଣ୍ଡଳରେ ପୂର୍ଣ୍ଣଅଳସ ଦୃଷ୍ଟି ଯା ମଦାଳସା ଏହା ଭାବ । ବଦନ ତୋହର ଅକଳଙ୍କ ପୂର୍ଣ୍ଣ ଇନ୍ଦୁବତ ସଦାଭାବ । ୩୧ । ସୁନ୍ଦର ଭ୍ରୂଲତା ସୁରେଖିତା ତୋର ଉରୁ ଚିତ୍ରରେଖାବତୀ । ରତିରସକଳାରେ ଅଟୁ କୁଶଳ ଯେଣୁ ରମା କଳାବତୀ । ୩୨ । ଏମନ୍ତେ ସକଳ ଭୁବନେ ବାଳୀଷ ସମ ନାହିଁ କେହି ତୋତେ । ବିବିଧ ଗୁଣରେ ପରିପୂର୍ଣ୍ଣ ଅଟୁ ବିନୟୀ କହିବି କେତେ । ୩୩ । ଏରୂପେ ଅନେକ ପ୍ରକାରେ ରାଧାଙ୍କୁ କୃଷ୍ଣେ କଲେକ ମୁଗ୍ଧା । ପ୍ରସନ୍ନ କରାଇ କେଳିସଦନକୁ ସୁମନେ ବିଜୟେ

ଏକାଦଶ ସର୍ଗଃ ।

ସୁଚିରମନୁନୟେନ ପ୍ରୀଣୟିତ୍ୱା ମୃଗାକ୍ଷୀଂ
ଗତବତି କୃତବେଶେ କେଶବେ କୁଞ୍ଜଶଯ୍ୟାଂ
ରଚିତରୁଚିରଭୂଷାଂ ଦୃଷ୍ଟିମୋଷେ ପ୍ରଦୋଷେ
ସ୍ଫୁରତି ନିରବସାଦାଂ କାପି ରାଧାଂ ଜଗାଦ । ୧ ।

ବସନ୍ତରାଗଯତିତାଲାଭ୍ୟାଂ ଗୀୟତେ ।

ବିରଚିତଚାଟୁ ବଚନରଚନଂ ଚରଣେ ରଚିତ ପ୍ରଣିପାତଂ ।
ସମ୍ପ୍ରତି ମଞ୍ଜୁଲବଞ୍ଜୁଲସୀମନି କେଳିଶୟନମନୁଯାତଂ ।
ମୁଗ୍ଧେ ମଧୁମଥନମନୁଗତମନୁସର ରାଧିକେ । ୨ । ଧ୍ରୁବ ।

---

କର । ୩୪ । ଶୁଣ ହେ ସୁଜନେ ହରିରସ ସୁଧାସିନ୍ଧୁ ଶାନ୍ତିର ଶୀତଳ । କଳୁଷକାନନ ଦହନ କରଇ ଗୋବିନ୍ଦ ନାମ ଅନଳ । ୩୫ । କୃଷ୍ଣ କୁତୂହଳ ତ୍ରୟୋଦଶଛାନ୍ଦ ଧରଣୀଧର ସୁରସ । ହରିପାଦ ଧେନ ସର୍ବ ନିଦେଶରେ କରଇ କଳୁଷ ନାଶ । ୩୬ ।

ଚତୁର୍ଦ୍ଦଶ ଛାନ୍ଦ । ରାଗ—କଳଶା ।

ଶୁଣ ହେ ସୁଜନେ ଏଥୁଁ ସୁଧାରସ ବାଣୀ । ରାଧାର ଅଗ୍ରତେ ଦୂତୀ କହେ ପୁଣ ପୁଣି । ୧ । ବହୁତ ବିନୟ କରି ତୋର ପ୍ରାଣନାଥ । ଗମିଲା ଯେବଣ କୁଞ୍ଜଶଯ୍ୟା ସୁରତତ । ୨ । ରୁଚିର ସୁବେଶ ହୋଇ କୁରଙ୍ଗୀ ନୟନ । ହରିପାଶେ ଅଭିସାର କର ଗୋ ମିତଣି । ୩ । ପ୍ରସନ୍ନ ହୋଇଣ ମନେ ନ କରସି ଖେଦ । ସନ୍ଧ୍ୟାହୁଁ ପ୍ରବେଶ ଥାଦି ଛାଡ଼ ଗୋ ବିଷାଦ । ୪ । ଅନେକ ପ୍ରକାରେ ଚାଟୁ କରି ନରହରି ଚରଣେ ତୋହର ଅତି ବିନୟ ସେ କରି । ସୁନ୍ଦର ଅଶୋକ-ବନ ଲତା କେଳିସ୍ଥାନ । ତୋର ଆଶେ ବସିଅଛୁ ଶ୍ରୀମଧୁସୂଦନ । ୬ । ଏ ତୋର ଘନଜଘନ ସ୍ତନଭାର ଭରେ । ବଢ଼ାଅ ଚରଣ ସଖି ଅତି ଧୀରେ ଧୀରେ । ୭ । ରୁଣିତ ଶବଦ କରୁ ଏ ମଣି ନୂପୁର । ଗମନରେ

ଘନଜଘନସ୍ତନଭାରଭରେ ଦରମନ୍ଥରଚରଣବିହାରଂ ।
ମୁଖରିତମଣିମଞ୍ଜୀରମୁପେହି ବିଧେହି ମରାଳନିକାରଂ । ୩ ।
ଶୃଣୁ ରମଣୀୟତରଂ ତରୁଣୀଜନମୋହନମଧୁରିପୁରାବଂ
କୁସୁମଶରାସନଶାସନବନ୍ଦିନି ପିକନିକରେ ଭଜ ଭାବଂ । ୪ ।
ଅନିଲତରଳକିଶଳୟନିକରେଣ କରେଣ ଲତାନିକୁରମ୍ବଂ ।
ପ୍ରେରଣମିବ କରଭୋରୁ କରୋତି ଗତିଂ ପ୍ରତି ମୁଞ୍ଚ ବିଲମ୍ବଂ । ୫ ।
ସ୍ଫୁରିତମନଙ୍ଗତରଙ୍ଗବଶାଦିବ ସୂଚିତହରିପରିରମ୍ଭଂ ।
ପୃଚ୍ଛ ମନୋହରହାରବିମଳଜଳଧାରମମୁଂ କୁଚକୁମ୍ଭଂ । ୬ ।
ଅଧିଗତମଖିଳସଖୀଭିରିଦଂ ତବ ବପୁରପି ରତିରଣସଜ୍ଜଂ ।
ସ୍ମରଶରସୁଭଗନଖେନ କରେଣ ସଖୀମବଲମ୍ବ୍ୟ ସଲୀଳଂ ।
ଚଲ ବଲୟକ୍ୱଣିତୈରବବୋଧୟ ହରିମପି ନିଜଗତିଶୀଳଂ । ୮ ।

---

ଶୋଭା ପାଉ ମତ୍ତମରାଳର । ୮ । ଶୁଣି ସଖୀ ମଧୁକର ମନୋହର ବାଣୀ । ମୋହ କରୁଅଛୁ ଯୁବା ବିରହୀ ତରୁଣୀ । ୯ । ସୁସ୍ୱର ମଧୁର ପିକ ଘନ ଘନ ବାଣୀ । ମନସିଜ ଆଜ୍ଞା ତୋତେ କହୁଛୁ ମିତଣୀ । ୧୦ । ସଧୀରେ ବହନ୍ତେ ମନ୍ଦ ମଳୟମରୁତ । ଚଳନ୍ତେ ଲତାର ଅଗ୍ରେ ନବ ମୃଦୁପତ୍ର । ୧୧ । କରପଲ୍ଲବରେ କି ଏ ଠାରୁ-ଅଛୁ ତୋତେ । ହରିପାଶେ ଅଭିସାର କର ଗୋ ତୁରିତେ । ୧୨ । ଭରସା ବଳଲା ଭାବ ସୁରତ ତୋହର । କର ତୁ ଗମନ ସଖି ବିଳମ୍ବ ନକର । ୧୩ । ଯେନ ମୋହର ବଚନ ନ ଧର ବିମନ । ହରଷ ହୋଇଣ ଚଳ ନିକୁଞ୍ଜସଦନ । ୧୪ । ମଦନେ ତରଙ୍ଗ ତନୁ ଅତି ବଶ ହୋଇ । କୃଷ୍ଣ ଆଲିଙ୍ଗନ କରିବାକୁ ମନ ଦେଇ । ୧୫ । ଉଲ୍ଲସିତ ହୁଏ କୁଚକୁମ୍ଭ ବେନି ତୋର । ଚଞ୍ଚଳତର ବିମଳ ମୁକୁତାର ହାର । ୧୬ । ଲଜ୍ଜା ନିବାରଣ ରତିରଣେ ସଜ ହୁଅ ଦେଖନ୍ତୁ ସକଳ ସଖୀ କୃଷ୍ଣ ପାଶେ ଯାଅ । ୧୭ । କଟିମେଖଳା ଶବଦ କରୁ ଏ କଙ୍କିଣୀ । ସୁରତ ସମରେ ବାଦ୍ୟଡିଣ୍ଡିମ ଏ ଜାଣି । ୧୮ ।

କାଶ୍ମୀରଗୌରବପୁଷାମଭିସକାଣରି-
ମାନଦ୍ଧରେଖମଭିତୋ ରୁଚିମଞ୍ଜରୀଭିଃ ।
ଏତତ୍ତମାଲଦଲନୀଲତମଂ ତମିସ୍ରଂ
ତତ୍ପ୍ରେମହେମନିକଷୋପଲତାଂ ତନୋତି । ୧୨ ।
ହାରାବଳୀତରଳ କାଞ୍ଚନକାଞ୍ଚିଦାମ
ମଞ୍ଜୀରକଙ୍କଣମଣିଦ୍ୟୁତିଦୀପିତସ୍ୟ
ଦ୍ୱାରେ ନିକୁଞ୍ଜନିଳୟସ୍ୟ ହରିଂ ବିଲୋକ୍ୟ
ବ୍ରୀଡ଼ାବତୀମଥ ସଖୀମିୟମିତ୍ୟୁବାଚ । ୧୩ ।

ଦେଶବରାଡ଼ିରାଗ ରୂପକତାଲାଭ୍ୟାଂ ଗୀୟତେ ।

ମଞ୍ଜୁତରକୁଞ୍ଜତଲକେଳିସଦନେ ।
ପ୍ରବିଶ ରାଧେ ମାଧବସମୀପମିହ
ବିଲସ ରତିରଭସହସିତବଦନେ । ୧୪ ।

---

ଲେଖିତ । ୨୯ । ଅଶୀତନିଗ୍ରେଲେ ତନୁ ଆଚ୍ଛାଦନ କର । ଅଭିସାରୀ- ଚତୁରୀ ଅଟଇ ସେ ସୁନ୍ଦରୀ । ୩୦ । ସାତ୍ତ୍ୱିକହୃଦୟ ହୋଇ ହରଣ- ନୟନୀ । ହରକ୍ରୀଡ଼ାରସେ ମଜ୍ଜି ଅଛୁ ମନ ଘେନ ।୩୧। ଗମଇ ନିକୁଞ୍ଜ ଲତାଘନ ଘୋରବନେ । ପତିତନୁ ଆଲିଙ୍ଗନ କରେ ମନେ ମନେ ॥ ଅଭିସାରକାର ବପୁ ଲାବଣ୍ୟ ସୁଜ୍ୟୋତି । କୁଙ୍କୁମେ ଅଙ୍କିତ ସେ ଗଉରବର୍ଣ୍ଣ କାନ୍ତି । ୩୩ । ଘନତମିର ନୀଳତମାଲ ତନୁଆଭା । ଶ୍ୟାମାବର ତନୁ ତଥି ହେମଲତା ଶୋଭା । ୩୪ । ଚରଣେ ନୂପୁର କରେ ରୁଚିର କଙ୍କଣ । ଶବଦବାରତ ସେହୁ କରଛି ବର୍ଦ୍ଧନ । ୩୫। ସତ୍ୟ ହୋଇଣ ମତ୍ତକୁଞ୍ଜରଗମନୀ । ପ୍ରବେଶ କୁଞ୍ଜସଦନେ ସଖୀ ସଙ୍ଗେ ଘେନ । ୩୬ । ତରଳ ବର୍ତ୍ତୁଳ ଅମଳ ମୁକୁତାହାର । କଟି- ତଟେ ମେଖଳା କିଙ୍କିଣୀ ସୁବର୍ଣ୍ଣର । ୩୭ । ନୂପୁର କରଭୂଷଣ ବଳୟ ବରଜେ । ନାନାମଣିଗଣମାନଙ୍କର ଜ୍ୟୋତି ଗଞ୍ଜେ । ୩୮ । ନିକୁଞ୍ଜ ମଦନ ଦ୍ୱାରେ ମିଳ ଶଶିମୁଖୀ । ସଖିକେ ବୋଇଲା ଶ୍ରୀକୃଷ୍ଣର ମୁଖ

ନବଭବଦଶୋକଦଲଶୟନସାରେ ।
ପ୍ରବିଶ ରାଧେ ମାଧବସମୀପମିହ
ବିଲସ କୁଚକଲଶତରଳହାରେ ।୧୫।
କୁସୁମଚୟ ରଚିତଶୁଚିବାସଗେହେ ।
ପ୍ରବିଶ ରାଧେ ମାଧବସମୀପମିହ
ବିଲସ କୁସୁମସୁକୁମାର ଦେହେ ।୧୬।
ଚଳମଲୟବନପବନସୁରଭିଶୀତେ ।
ପ୍ରବିଶ ରାଧେ ମାଧବସମୀପମିହ
ବିଲସ ରତିବଳିତଲଲିତଗୀତେ ।୧୭।
ବିତତବହୁବଲ୍ଲିନବପଲ୍ଲବଘନେ ।
ପ୍ରବିଶ ରାଧେ ମାଧବସମୀପମିହ
ବିଲସ ଚିରମଲସପୀନଜଘନେ ।୧୮।

---

ଦେଖି ।୩୯। ଉତ୍ସୁକେ ଅପାଙ୍ଗେ ଚାହିଁ ବଦନ ନୁଆଇଁ । କହଇ ସଜନୀ ତୁ ଗୋ ଶୁଣ ପ୍ରାଣସହି ।୪୦। ସୁନ୍ଦର ନିକୁଞ୍ଜଲତା କ୍ରୀଡ଼ାର ମନ୍ଦିର । ପ୍ରବେଶ ହୁଅ ତୁ ମାଧବର ସନ୍ନିଧିର ।୪୧। ମଦନେ ଉନ୍ମତ୍ତ ତୋର ବଦନ ସହାସ୍ୟ । କରସଖି ବିବିଧପ୍ରକାରେ କେଳି ରସ ।୪୨। ନବୀନ ଅଶୋକଦଳ କୋମଳଶଯ୍ୟାରେ । ହରି ତୁଲେ କ୍ରୀଡ଼ା କର ମନରେ ସାଦରେ ।୪୩। ଏ ତୋହର ଘନକୁଚକୁମ୍ଭ ଉପର । ଶୋଭିତ ତରଳ ଅତି ମୁକୁତାର ହାର ।୪୪। ବିବିଧ କୁସୁମ ହୋଇଛନ୍ତି ଆଚ୍ଛାଦନ । ଏଣୁ ମନୋହର ଏହୁ ଲତାର ସଦନ ।୪୫। କୃଷ୍ଣ ତୁଲେ ଏଥି କୁତୂହଳ କର ସହି । କୁସୁମଠୁଁ ଅତି ସୁକୁମାର ତୋର ଦେହୀ ।୪୬। ବହଇ ସୁଗନ୍ଧ ମନ୍ଦ ମଳୟ-ମରୁତ । କର ରତିରଙ୍ଗ ସଖି ଘେନ ଯଦୁନାଥ ।୪୭। ସୁନ୍ଦର ଲଳିତ ତୋର ଆଳାପିତବାଣୀ । ସନ୍ତୋଷ ହେଉ ମାଧବ ଶ୍ରବଣରେ ଶୁଣି ।୪୮। ବହୁତ ପ୍ରକାର ଲତା ପଲ୍ଲବ ଗହନ । ରଚିଅଛି ଶଯ୍ୟା ହରି ବିସ୍ତାର କରିଣ ।୪୯। ଏ ତୋର ଘନଜଘନ ପୀନକୁଚଭର ।